# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୧୮ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ❖ ରୁଆ ଧାନରେ ପ୍ରଥମ କିସ୍ତିସାର ହିସାବରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର (ଅଧିକ ଅମଳକ୍ଷମ ଧାନ କିସମ ପାଇଁ ଏକର ପ୍ରତି ୨୪ କି.ଗ୍ରା. ଏବଂ ଶଙ୍କର ଧାନ ପାଇଁ ୨୮ କି.ଗ୍ରା. ୟୁରିଆ) ଧାନ ରୁଆର ୨୦ ରୁ ୨୫ ଦିନ ପରେ ଘାସ ବାଛି ସାରି ପ୍ରୟୋଗ କରନ୍ତୁ ।

- ❖ ସଅଳ ବା ସଠିକ୍ ସମୟରେ ରୁଆଯାଇଥିବା ଧାନରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର (ଅଧିକ ଅମଳକ୍ଷମ ଧାନ କିସମ ପାଇଁ ଏକର ପ୍ରତି ୨୪ କି.ଗ୍ରା. ଏବଂ ଶଙ୍କର ଧାନ ପାଇଁ ୨୮ କି.ଗ୍ରା. ୟୁରିଆ) ଧାନ ରୁଆର ୪୦ ରୁ ୪୫ ଦିନ ପରେ ଦ୍ୱିତୀୟ କିସ୍ତି ସାର ଭାବରେ ପ୍ରୟୋଗ କରନ୍ତୁ ।

- ❖ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ, ରୁଆ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪ କି.ଗ୍ରା. ପ୍ରୟୋଗ କରନ୍ତୁ ।

- ❖ ମାଟିଆ ଗୁଣ୍ଡିପୋକ (ଚକଡା ପୋକ) ବୁଦାପ୍ରତି ୫ ରୁ ୧୦ ଟି ପୋକ ଦେଖାଦେଲେ ଜମିର ସୁକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା ପାଇମେଟ୍ରୋଜିନ୍ ୫୦ % ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍.ଜି ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ ଏକର ପିଛା ପ୍ରୟୋଗ କରନ୍ତୁ । ସଦାସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ❖ ବଙ୍ଗୀପୋକୁ ଦମନ କରିବା ପାଇଁ ଏକର ପିଛା କାର୍ବୋସଲଫାନ୍ ୨୫% ଇ.ସି. ୪୦୦ ମି.ଲି. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା କିମ୍ବା କାର୍ବୋଫୁରାନ୍ ୩ ଜି. ୧୩ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ❖ ଯଦି ପ୍ରତପୋଡା, ପତ୍ରପୋଡାଗାର ରୋଗ ଧାନରେ ଦେଖାଦିଏ ତେବେ ପ୍ଲାଣ୍ଟୋମାଇସିନ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ଏକର ପିଛା ପ୍ରୟୋଗ କରନ୍ତୁ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୩୦ ଗ୍ରାମ୍ ସହିତ କପରଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୮ ଦିନ ଅନ୍ତରରେ ୨ ଥର ସିଞ୍ଚନ କରନ୍ତୁ ।

- ❖ ମହିଷା ରୋଗ ଦେଖାଦେଲେ ଏକର ପିଛା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ( ବିମ୍-୭୫ କିମ୍ବା ସିଭିକ୍ କିମ୍ବା ଟ୍ରିମ୍) ୧୨୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ❖ ଯଦି ଧାନ ବିଲରେ ବୁଦାପ୍ରତି ୧ ରୁ ୩ ଟି ଗଛ ହଠାତ୍ ଅନ୍ୟ ଗଛ ଠାରୁ ଲମ୍ବା ଏବଂ ଘାସ ଗଛ ଭଳି ଦେଖାଯାଏ, ତାକୁ ବକାନେ ରୋଗ କୁହାଯାଏ । ଏଭଳି ରୋଗ ମୁଖ୍ୟତଃ ପୁଜା କିସମରେ ଦେଖାଯାଏ । ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୨୦୦ ଲିଟର ପାଣିରେ ମିଶାଇ କିମ୍ବା ଟିଲ୍ଟ ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ୧୦ ଦିନ ଅନ୍ତରରେ ୨ ଦୁଇ ସିଞ୍ଚନ କରନ୍ତୁ ।

- ❖ ଉଚ୍ଚଜମିରେ ପ୍ରତି ବର୍ଗମିଟର ପିଛା ୨-୩ ଟି ଗନ୍ଧିପୋକ ଦେଖାଦେଲେ, ସକାଳେ କିମ୍ବା ସନ୍ଧ୍ୟାରେ ମିଥାଇଲ୍ ପାରାଥିଅନ୍ ଗୁଣ୍ଡ ଏକର ପ୍ରତି ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ❖ ଫସଲ ସୁରକ୍ଷା ପାଇଁ ଯେକୌଣସି ଔଷଧ ସିଞ୍ଚନ କଲାବେଳେ ପାଗ ପରିଷ୍କାର ଥିବା ଦରକାର । ବର୍ଷା ହେଉଥିବା ବେଳେ ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

- ❖ ପତ୍ରାଚ୍ଛଦ ପୋଡା ରୋଗ ଦେଖାଦେଲେ (i) ଭାଲିଡାମାଇସିନ୍ (କ) ସିଥମାର୍ ୩ ଏଲ୍.୨ ମି.ଲି. ଏକ ଲିଟର ପାଣିରେ କିମ୍ବା (ଖ) ରାଇଜୋସିନ୍ ୩ ଏଲ୍. ୨.୫ ମି.ଲି. ଏକ ଲିଟର ପାଣିରେ କିମ୍ବା (ii) ହେକ୍ସାକୋନାଜୋଲ୍ ତଥା କଣ୍ଟାଫ୍ ୫ ଇ.ସି. ୨୦୦ ମି.ଲି. ଏକ ଲିଟର ପାଣିରେ କିମ୍ବା (iii) ଥିଫ୍ଲୁଜାମିଡ୍ ୨୪% ଏସ୍.ସି. ଯଥା ସ୍ୱେନ୍‌ସର୍ ୧ ମି.ଲି. ୧ ଲିଟର ପାଣିରେ କିମ୍ବା (iv) କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ଯଥା ବାଭିଷ୍ଟିନ୍ ୨.୫ ଗ୍ରାମ୍ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

******